## ଦୁର୍ଯ୍ୟୋଧନର ଭାନୁମତୀ ସହ ହସ୍ତିନାରେ ପ୍ରବେଶ

ରାଜାର ବଚନେ ଯେ ଅମ୍ବୁବତୀର ବଳା
ସାନନ୍ଦେ ଉଛବ ସେ ରାଜ୍ୟରେ କରାଇଲା । ୧
ହାଟ ବାଟ ଦାଣ୍ଡ ସମସ୍ତ ପରିମଳି
ସୁବର୍ଣ୍ଣର କଳସ ଉଭାରିଲା ସର୍ବପୁରୀ । ୨
ବହୁତ ପୁରଜନ ମିଳି ଧାମନ୍ତି ଗହଳେ
ଅନେକ ସାନନ୍ଦ ହରଷ ସବୁରି ମନରେ । ୩
ହସ୍ତିନାର ଥାଠ ଘେନି ଭୀମ ଯେ ଯୁଝେଷ୍ଠି
ଅନେକ ସମ୍ଭୃର୍ବେ ସେ ଯାଆନ୍ତି ପାଛୋଟି । ୪
ଇନ୍ଦ୍ର ପ୍ରଶସ୍ତେ ଭେଟିଲେ ଧର୍ମଦେବ ଯାଇ
ଭୀଷ୍ମେ ଆଶ୍ରିଜ ହୋଇଲେ ତାହାକଇଂ ଚାହିଂ । ୫
ଦ୍ରିଯୋଧନ ବିଜୟେ ଶ୍ୱେତ ହସ୍ତୀର ଉପରେ
ସର୍ବ ଅଳଙ୍କାରେ ଭାନୁମତୀ ଅଛଇ କୋଳରେ । ୬
ସମୋଦ୍ର ମନ୍ଥନୁ ଯେହ୍ନେ ଦେବ ନାରାୟଣ
ଲକ୍ଷ୍ମୀକି ଘେନି ଯେହ୍ନେ ଆସନ୍ତି ବୈକୁଣ୍ଠ ଭୁବନ । ୭
ଚନ୍ଦ୍ରର କୋଳେ ଯେହ୍ନେ ବିଜୟେ ଶୂଳପାଣି । ୮
ରତିକି ଘେନିଣ ଯେହ୍ନେ ବିଜୟ କନ୍ଦର୍ପ
ଦ୍ରିଯୋଧନ ଭାନୁମତୀକି ଦେଖିଲେ ତେସନ ସରୂପ । ୯
ଅନେକ ବୀର ତୂର ବାଜଇ ଯେ ଗଗନ ଉଚ୍ଛୁଳି
ଗଣିକା ଗଣମାନେ ସାନନ୍ଦେ ଦ୍ୟନ୍ତି ହୁଳହୁଳି । ୧୦
ଶଙ୍ଖ ଧ୍ୱନି ଶବଦ ଯେ ଘନ ଘନ ଫୁରି
ମଙ୍ଗଳ ଗୀତି ଗାବନ୍ତି ବାଜଇ ମହୁରୀ । ୧୧
ବାଜୀନ୍ତ ଚାଳିଣ ଯେ ବିହଡନ୍ତି ରାଉତେ
ବୁଲାବନ୍ତି ଲାଙ୍ଗିଆ ଆସିପତ୍ର କୋନ୍ତେ । ୧୨
ୟେମନ୍ତେକ ସମ୍ଭୃର୍ବେ ଯେ ଆସନ୍ତି ଦାଣ୍ଡ ପୁରି
ଅନେକ ହରଷେଣ କୁତୁହୋଳେ ଗୋଡାବନ୍ତି ନଗ୍ର ନର ନାରୀ । ୧୩
ବୋଲନ୍ତି ୟେବେ ସେ ହସ୍ତିନା ପୁର ଶୋହିଲା
ପଣ୍ଡୁ ବନବାସ ଦିନୁଂ ୟେମନ୍ତ ଦିନେ ୟେଥେଂ ନ ଦେଖିଲା । ୧୪
ଚନ୍ଛୁର ଦରିଦ୍ର ଫିଟିଲା ୟେହା ଦେଖି
ୟେବେ ସେ ରାଜ୍ୟ ହୋଇବ ଅନେକ ସୁଖୀ । ୧୫
ଅନେକ ସାନନ୍ଦେ ଯେ ରାଜ୍ୟ ଜନ ହରଷ
ଦଧି ମଙ୍ଗଳ ସୁମରି ଯାଇଂ ରାଜ୍ୟରେ ପ୍ରବେଶ । ୧୬

ଅନେକ ସୁଲକ୍ଷଣୀ ଘେନି ବିଜୟେ ଗାନ୍ଧାରୀ
ହସ୍ତେ ଅର୍ଘ୍ୟ ଘେନିଣ ଶୁଭ ଅବଧାରି । ୧୭
ହସ୍ତୀରୁ ଓହ୍ଲାଇଲା ଦ୍ରିଯୋଧନ ଭାନୁମତୀର ଭୁଜ ଧରି
ଆସ୍ତାନେ ବିଜେ କରି ଅଛନ୍ତି ଧୃତରାଷ୍ଟ୍ର ଗାନ୍ଧାରୀ । ୧୮
ଦ୍ରିଯୋଧନ ବୋଇଲା ଶୁଣିମା ଗୋ ଦେବୀ ମାୟେ
ଜନ୍ମହୁଂ ଅନ୍ଧ ହୋଇଲେ ଧୃତରାଷ୍ଟ୍ର ରାୟେ । ୧୯
ଚନ୍ଛୁ ଥାଇଂଣ ଅନ୍ଧ କି- । ହୋଇଲ ଆପଣ
ଅନ୍ଧ ପଟଳ ଫେଡ ମା ମୋହୋର ବୋଲ ଶୁଣ । ୨୦
ଆମ୍ଭୃନ୍ତ ଉତପତ୍ତି ଯେ କଲ ଗର୍ଭଗତେ
ୟେତେ ସ- ଦ ମା ଗୋ ଚନ୍ଛୁ ଥାଉଂ ନ ଦେଖିବ କେମନ୍ତେ । ୨୧
ସ୍ୱାମୀର ଅଭିମାନକୁ ଗୋ ତୁମ୍ଭେ ନ ବଢ
ଆମ୍ଭୃର ସ- ଦ ଦେଖ ଗୋ ଅନ୍ଧ ପଟଳ ଫେଡା । ୨୨

ଭାନୁମତ ଦେଶର ସେ ଭୂମନୁ ନୃପତି
ତାହାର ଦୁହିତାର ନାମ ଅଟଇ ଭାନୁମତୀ । ୨୩
ଲକ୍ଷେକ ରାଜା ଆଣି କଲାକ ସୟମ୍ବରେ
ଯେହାର ସାଦୃଶ୍ୟେ ମୃତ୍ୟୁପୁରେ ନ ମିଳିଲା ବରେ । ୨୪
ଦୁଷ୍ଟ ରାଜାମାନେ ଯେହା ନେଇ ଲୋଡୁଥିଲେ ବଳେ
କର୍ଣ୍ଣ ସାଂଗ୍ରାମ କଲା ଜିଣିଲା ସମସ୍ତ ମହୀପାଳେ । ୨୫
ଯେକା କର୍ଣ୍ଣ ଘୋର ସାଂଗ୍ରାମେ ଜିଣିଲା ସବୁନ୍ତି
ବଳେ ଛଡାଇ ଆଣିଲା ସୁନ୍ଦରୀ ଭାନୁମତୀ । ୨୬
କର୍ଣ୍ଣକୁ ପ୍ରଦାନ କରୁଥିଲା ଭୂମନୁ ଦଣ୍ଡଧାରୀ
ଆପଣେ ପ୍ରଦାନ ନୋହିଲା ମୋତେ ଦିଲା ଅନୁଗ୍ରହ କରି । ୨୭
ତ୍ରୈଲୋକ୍ୟର ମୋହିନୀ ଯେ ଅଟଇ ରୂପବନ୍ତୀ
ଶଙ୍ଖନିଧି ପଦ୍ମନିଧି ଯେହାର ବେନି କରରେ ବିରାଜନ୍ତି । ୨୮
ପାଷାଣେ କର ଲାଗନ୍ତେ ଯେହାର ହୋଅଇ ପାଣିଦ୍ରବ୍ୟ
ଯେତେ ବଡ ସ- ଦ ମାତା ଗୋ କେମନ୍ତେ ନ ଦେଖିବ । ୨୯
କ୍ଷଣେ ଅନ୍ଧ ପଟଳ ଗୋ କାଢିମେଲ ଗାନ୍ଧାରୀ
ଆମୃନ୍ତ ଅର୍ଘ୍ୟ ଦେଇ ପଛେ ବାନ୍ଧ ଦୃଢ କରି । ୩୦

ଗାନ୍ଧାରୀ ବୋଇଲା ବାବୁ କିସ ସ- ଦ ଦେଖିବି
ବିପଦ ଦେଖିଲେ ପୁଣ କେମନ୍ତେ ମୂର୍ଚ୍ଛିବି । ୩୧
ତୁ ଯେହା ସ- ଦ ରେ ବୁଝୁଅଛୁ ବାଳ
ଯେହୁ ସ- ଦ ବାବୁ ରେ ନ ଥିବ ଚିର କାଳ । ୩୨
ଜନ୍ମ କାଳୁଂ ଦେଖିଲି ମୁଂ ତୁମ୍ଭର ଦୁଷ୍ଟ ଯେ ପ୍ରକୃତି
ଯେତେ କଥା ଶୁଣଇ ବାବୁ ସବୁହିଂ ଅନୀତି । ୩୩
ବିଦୁର କହିଲେ ଯେବଣ ପରମାର୍ଥ ବାଣୀ
ଅନ୍ଧ ପଟଳ ବାନ୍ଧିଲି ମୁଂ ତାହାର ବଚନ ଶୁଣି । ୩୪
ସ- ଦ ବିପଦ ହୋଇଥାଇ ଗତାଗତ
ନ ଦେଖିବି ମୁଖରେ ଶୁଣ ମୋହୋର ସୁତ । ୩୫
ଯେହୁ ସ- ଦ ତୋତେ ନ ଥିବ ଚିରକାଳ ପରିଯନ୍ତେ
ହରଷ ବିରସ ନ କରାଅ ପୁତ୍ର ମୋତେ । ୩୬
ଗାନ୍ଧାରୀ କହିଲେ ଯହୁଂ ନିରାପକ୍ଷ ବାଣୀ
ଦ୍ରିଯୋଧନ କୋପ କଲା ମାତାର ବଚନ ଶୁଣି । ୩୭
କୋଇନ୍ତାୟେ କଲ୍ୟାଣ କଲେ ଆଶିଷ୍ୟ ଦେଇ
ଭାନୁମତୀକି ଘେନି ଚନ୍ଦ୍ରଶାଳା ପୁରେ ବିଜୟେ କଲେ ଯାଇଂ । ୩୮
ଭାନୁମତୀକି ଘେନି ବିଜୟେ ନିଜ ଭୁବନେ
ସଞ୍ଜୟେ କହିଲେ ଯାଇଂ ଧୃତରାଷ୍ଟ ସନ୍ନିଧାନେ । ୩୯
ବତାଇ ସ- ଦ ରାଜା ଅର୍ଜିଲେ ତୋହୋର ଯେ ପୁତ୍ରେ
ରାଜ୍ୟେ ପଶନ୍ତେ ଦିଶଇ ଯେସନେ ଶଚୀ ଇନ୍ଦ୍ର ସଂଜାତେ । ୪୦

-----------

୩୪ ।୧ ବିଦୁର କହିଲେ ମୋତେ ବେଦବ୍ୟାସଙ୍କର ଭବିଷ୍ୟ ବାଣୀ (ପା)
୪୦ ମୁଦ୍ରିତ ପୁସ୍ତକରେ-ସଂଜାତେ-ପାଦାନ୍ତ ପରେ - (୧୨୩ ପୃଷ୍ଠାରେ) କେତେକ ପଦ ଅଛି - ସାରଳା ବନ୍ଦନା ।

ଶଚୀ ପ୍ରାୟ ଶୋଭା ଦିଶେ ଭୂମନୁ ନନ୍ଦିନୀ
ଇନ୍ଦ୍ର କୋଳେ ଶଚୀ ଥିବା ପ୍ରାୟେ ସେହି ବେନି ।
ସାନନ୍ଦ ହୋଇଲେ ଶୁଣି ଅନ୍ଧ ନରପତି
ଜୟ ତୁ ଜୟ ସାରଳା ଦେବୀ ଗୋ ପାର୍ବତୀ ।

ୟେଥୁ ଅନନ୍ତରେଣ ମନୁ ମହାରାୟେ
ଶ୍ରୀ ମହାଭାରତ ଶୁଣି ପାପ କର କ୍ଷୟେ । ୪୧
ବଦୟନ୍ତି ଅଗସ୍ତି ଶୁଣ ହୋ ବଇବସୁତ ମନୁ
ଅନେକ ଉଛବ ହୋଇଲା ହସ୍ତିନା ଭୁବନୁଂ । ୪୨
ୟେଥୁ ଅନନ୍ତରେ କେବଣ କୃତ୍ୟ କଲେ
କେମନ୍ତେ କରି ବ୍ୟାସ ସରୋବର ଭିଆଇଲେ । ୪୩
ୟେହା ମୋତେ ସଞ୍ଚପି କହିବା ମୁନିବର
ତୁମ୍ଭର ବଚନେ ମୁଂ ହୋଇବି ଗ୍ୟାନସାର । ୪୪
ହସ୍ତିନା ଭୁବନ ଈଶାନ୍ୟର କୋଣେ
ତହିଂ ସେ ବ୍ୟାସେ ସରୋବର କରନ୍ତି ଆପଣେ । ୪୫

-------------

ଯଜ୍ଞେ କାୟା ବିନାଶିଲୁ ସ୍ୱାମୀ ଅପମାନେ
ସ୍ୱାମୀର ବିରହ ସହି ନ ପାରି ଆପଣେ ।
ଜନମିଲୁ ଆସି ପୁଣି ହିମାଳୟ ଘରେ
ରହିଲୁ ଗୋ ମାତା ମେନା ଦେବୀର ଉଦରେ ।
ତପ କରି ସ୍ୱାମୀର ପାଇଲୁ ଗୋ ଭେଟ
ଭୋଳାନାଥ ସ୍ୱାମୀ ମନ କଲୁ ଗୋ ଉଚ୍ଚାଟ ।
ଦେବତାୟେ ଆସି ତୋତେ କଲେ ବହୁ ସ୍ତୁତି
ପୁତ୍ରେକ ପ୍ରଦାନ ତାଙ୍କୁ କଲୁ ହୈମବତୀ ।
ସ୍କନ୍ଦ ଜନନୀ ନାମକୁ ବହିଲୁ ସେ ଦିନୁ
ଦେବଥାଟେ ସେନାପତି ହେଲା ତୋର ସୁନୁ ।
ତାରକ ଅସୁର ବଧ କଲା ତୋ କୁମର
ଜନ୍ମେ ଜନ୍ମେ ମୁହିଂ ତୋର ଚରଣେ କିଙ୍କର ।
ତେଣୁ ମୋ ନାମ ସାରଳା ଦାସ ହେଲା ମାତ
ଜନ କାଳରୁ ମୁହିଂ ମୂର୍ଖ ଅପଣ୍ଡିତ ।
ଏ ଭାରତ ଲେଖିବାକୁ ମୋର କି ଶକତି
ତୋହୋର କୃପାରୁ ସିନା ବଳିଲା ମୋ ମତି ।
ସଦା ତୋହୋର ଚରଣେ ମୋହୋର ଦୟିନି
ସାରଳା ଦାସ ମୋହୋର ନାମ ଶୁଦ୍ର ମୁନି ।

ଏହା ପ୍ରକ୍ଷିପ୍ତ ପ୍ରାୟ ଜଣାଯାଏ (ମୁଦ୍ରିତ ପୁସ୍ତକର ପାଠ)

(ବେଢାଇଲେ) ନଉ ଭାଗ ଦୀର୍ଘ ବତିଶ ଭାଗ ପ୍ରତି
ଚାରିପାଖ ବସାଇଲେ ପାଷାଣ ଅପ୍ରମିତି । ୪୬
ହର ବ୍ରହ୍ମା ବିଷ୍ଣୁ ତିନିହେଂ ହେଲେ ସ୍ତମ୍ଭ
ଚନ୍ଦ୍ର ସୂର୍ଯ୍ୟ କଳା କାଣ୍ଡ ଅଶ୍ୱିନୀକୁମାରେ ମେରୁଦଣ୍ଡ । ୪୭
ଅଶୀ କୋଟି ଗନ୍ଧର୍ବେ ହୋଇଲେ ରୁଅ ବତା
ଋଷି ବଚନ ଅପଗ୍ୟାନ କରିବ ହୃଦ ଫାଟିବ ତଥା । ୪୮
ଅଗ୍ନି ବରୁଣ କୁବେର ସତାଇଶ ନକ୍ଷତ୍ର
ୟେମାନେ ହୋଇଲେ ପାଣି ପାଟିଆ ଥମ୍ବ ତଥ୍ୟ । ୪୯
ଚାରି ମେଘେ ଯେ ହୋଇଲେ ଚାରି ପୀଢା
ଜୁଣକ ମଧ୍ୟେ ବିଭୂତି ପଡଇ ତ୍ର୍ୟକ୍ଷଉରା । ୫୦
ସୁଦ୍ରିଶେନ ଚକ୍ର ଉପରେ ଭ୍ରମୁ ଥାଇଂ
ଦୁଷ୍ଟଜନ ଦେଖିଲେ ଶିର ଛିଡି ପଡଇ । ୫୧
ଅଣଗତି ଲୋକକୁ ଦିଅଇ ନେଇ ଠାବ

ବଳାତ୍କାରେ ପଶିଲେ ତାହାର ପ୍ରାଣ ଯିବ । ୫୨
ମାଣକ ଆକାରେ ଯେ ବେଢାଇଲେ ବେଢା
ଆପଣେ ବ୍ୟାସେ କଲେ ସରୋବରେ ପୀଢା । ୫୩
ସଞ୍ଜୟେ କହନ୍ତି ଧୃତରାଷ୍ଟ୍ରର ଆଗର
ଆପଣେ ବ୍ୟାସେ ଥାଇ କଲେ ବ୍ୟାସ ସରୋବର । ୫୪
ଶୁଣିଣ ଧୃତରାଷ୍ଟ୍ର ଯେ ବଡ ହରଷ ହୋଇଲା
କି ହୋଇବ ବୋଲି ଯେ ମନ୍ତ୍ରୀକି ପଚାରିଲା । ୫୫
ସଞ୍ଜୟେ ଗୁପତ କଲେ ନ କହିଲେ ସେହୁ କଥା
କି କାର୍ଯ୍ୟ ହୋଇବ ସେ ଭିଆଉ ଅପ୍ରମିତା । ୫୬
ଯୁଝେଷ୍ଠିଙ୍କି ସହଦେବ କହିଲେ ଗୁପତ ଯେ କରି
ଦ୍ରିଯୋଧନ କୁଶଳ ବାରତା କହଇ ବିଚାରି । ୫୭
ହସ୍ତିନା ଲୋକଙ୍କୁ ସେ ଚମତ୍କାର ଲାଗିଲା
କି କଥା ହୋଇବ ବୋଲି ବିଦୁର ସଞ୍ଜୟକୁ ପଚାରିଲା । ୫୮
କ୍ଷିଦ୍ର ଦେହରେ ରଖି କହନ୍ତି ସଞ୍ଜୟେ
ବ୍ୟାସ ସରୋବରେ ପଶିଲେ ଶତ୍ରୁ ରକ୍ଷା ହୋୟେ । ୫୯

କିଛୁ ଦିନ ଅନ୍ତରେ ବ୍ୟାସ ସଞ୍ଜୟ ବାସୁଦେବ
ସହଦେବକୁ ବସାଇ କହନ୍ତି ଗୁପତ ଭାବ । ୬୦
ଯେ ଗୁପତ କଥା ବାବୁ ନ କହିବୁ କାହିଂ
ବାସୁଦେବଙ୍କୁ ବ୍ୟାସେ ଅନେକ ବିନୋୟୀ ହୋଇ । ୬୧
କେଶୀ-ଦତ୍ୟ-ଧଂସନ୍ତା ତୋତେ ଚିହ୍ନନ୍ତା କେହି ନାହିଂ
ଦୁଷ୍ଟ ନିବାରଣ ସନ୍ଥ ପାଳନ୍ତା ନାଥ ତୁହି । ୬୨
ଦଶରଥ ଘରେ ଜନ୍ମ ଜାତ ମହୀ
ଋଷିଙ୍କର ଯଗ୍ୟ ରଖିଲୁ ନାଥ ତୁହି । ୬୩
ତୋହୋର ବାହୁ ବଳେ ଋଷିଙ୍କର ସେବା
ଅପାର ଦୁର୍ଧଂସ ନାଥ ମୁକତି ଗତି ଦେବା । ୬୪
ଶ୍ୱେତ ପୀତ ଲୋହିତ କୁଙ୍କୁମ ଯେ ବର୍ଣ୍ଣେ
ନୀଳ ସଷ୍ଟିକ ନାଥ ବାଉନିମି କିସ ଗୁଣେ । ୬୫
ଯଦୁକୁଳ ନନ୍ଦନ ମୁକତି ଗତି ଦ୍ୟନ୍ତା
ଦେବକୀ କୋଳେ ନାଥ ତୁହି ସେ ସମ୍ଭୁତା । ୬୬
ଯେ ବ୍ୟାସ ସରୋବର ନାଥ ତୁମ୍ଭର ପ୍ରସନ୍ନେ
ନାରାୟଣ ସୁଦ୍ରିଶେନ ଚକ୍ର ଦେବୁ ତୋଷ ମନେ । ୬୭
ବାସୁଦେବ ତୋଷ ହୋଇ ବୋଇଲେ ଅସ୍ତୁ ହୋଉ
ଶତ୍ରୁ ପକ୍ଷ ହୋଇ ଯେ ପଶିବ ତାର ପ୍ରାଣ ଯାଉ । ୬୮
ବାସୁଦେବଙ୍କୁ ମନାଇ ଚଳିଲେ ଦେବବ୍ୟାସ
ଗଙ୍ଗାକୂଳେ ଯାଇଂ ହୋଇଲେ ପ୍ରବେଶ । ୬୯
ବାସୁଦେବ ସଞ୍ଜୟେ ଚଳିଲେ ଯେ ଯାହାର ପୁର
ସହଦେବ ପ୍ରବେଶ ହୋଇଲେ ଯୁଝେଷ୍ଠିଙ୍କ ଛାମୁର । ୭୦
କାହିଂ ଥିଲୁ ବୋଲି ପଚାରନ୍ତି ଦେବ ଧର୍ମ
ସଞ୍ଜୟେ ବାସୁଦେବ ଦେଖୁଥିଲୁ ବ୍ୟାସ ସରୋବର ଆଶ୍ରମ । ୭୧
କି ହୋଇବ ବୋଲି ପଚାରନ୍ତି ଧର୍ମ ଦେବ
ଅପାର ଦିନ ଅନ୍ତରେ ଦ୍ରିଯୋଧନକୁ ରକ୍ଷା ଯୋଗ ହୋଇବ । ୭୨
ଯେ ବେନି କୁଳେ ଉପୁଜିବ ମହାଭାରଥ
ଗୁପତ କରିଥାଅ ବାବୁ ନ କର ପ୍ରଘଟ । ୭୩
ଯେ ଯାହାର ମାର୍ଗେ ସେ ରହିଲେ କାଳ ଜାଣି

ଅଗସ୍ତିଙ୍କି ପଚାରନ୍ତି ବଇବସୁତ ପୁଣି । ୭୪-୫୨୬୪ ।

*************